# Akashvani, Sambalpur

# SAMBALPURI NEWS EVENING BULLETIN

# 21 August 2026-7.02- 7.12 pm.

---

୧- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର୍ ଜନମ୍‌ମାଏଟ୍ ଗୁରୁଜାଙ୍ଗ୍‌କେ ଐତିହ୍ୟ ଗାଁ ବନାଯିବା - କହେଲେ ମୁଖ୍ୟମନ୍ତ୍ରୀ ।

୨- ଆଏବା ରାଖୀପୁନି ଅବ୍‌ସରେ ଦିଆଯିବା ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି

- ପ୍ରସ୍ତୁତିର୍ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

୩- ବିଶିଷ୍ଟ ସଂଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କର୍ ପରଲୋକ୍ ।

ଆଉର୍

୪- ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍ ହେବା ବିଶ୍ୱ ଆଥଲେଟିକ୍ସ କଂଟିନେଂଟାଲ୍ ଟୁର୍ ସିଲ୍‌ଭର୍ ମିଟ୍ ।

ଲକ୍ଷ୍ମଣାନନ୍ଦ ସରସ୍ୱତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଜନଜାତି ଲୁକ୍‌କର୍ ସେବା ଲାଗି ନିଜର୍ ଜୀବନ୍‌କେ ଉତ୍ସର୍ଗ କରିଥିଲେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ଜନମ୍‌ମାଏଟ୍ ଅନୁଗୁଲ୍ ଜିଲ୍ଲା ତାଲ୍‌ଚେର୍‌ର ଗୁରୁଜାଙ୍ଗ୍‌ଠାନେ ଜନ୍ମ ଶତବାର୍ଷିକୀ ଉତ୍ସବ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ସ୍ୱାମୀଜୀଙ୍କର୍ ଆଦର୍ଶ ଆଉ ସେବା ମନୋଭାବ୍ ଫି' ଭାରତୀୟଙ୍କର୍ ମନ୍ ଭିତ୍‌ରେ ସବୁଦିନ ରହେବା । ତାଙ୍କର ଆଦର୍ଶଥି ଅନୁପ୍ରାଣିତ୍ ହେଇକରି ହଜାର୍ ହଜାର୍ ଯୁବକ୍ ଇଥି ନିଜ୍‌କୁ ସାମିଲ୍ କରିଥିଲେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଗୁରୁଜାଙ୍ଗ ଗାଁକେ ଐତିହ୍ୟ ଗାଁ ବନାବାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନେଉଛନ୍ । ଇ ପବିତ୍ର ମାଟିକେ ସାମାଜିକ୍ ସଂସ୍କାର୍, ସ୍ୱାବଲମ୍ବନ୍, ଆତ୍ମନିର୍ଭରଶୀଳତାର୍ ଗୁଟେ ପ୍ରୟୋଗ୍‌ଶାଲା ବନେଇକରି ଓଡ଼ିଶାର୍ ବଂଚିତ୍ ବର୍ଗ, ଶିଶୁ, ମାତୃଶକ୍ତି ଆଉ ଚାଷୀମାନ୍‌କୁ ସଶକ୍ତ କର୍‌ବାର୍ ଆଉ ସେମାନ୍‌କୁ ସମାଜ୍‌ଥି

ସ୍ୱାଭିମାନ୍‌ର ସହେତେ ଜିଇଁବାର୍ ସାମର୍ଥ୍ୟ ଦେବାର୍ ସ୍ୱାମୀଜୀଙ୍କର୍ ଲାଗି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି ବାଚସ୍ପତି ସୁରମା ପାଢ଼ୀ, ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍, ସୁକାନ୍ତ ପାଣିଗ୍ରାହୀ ଆଉ ବହୁତ୍‌ଟେ ସାଧୁସନ୍ଥ ଯୋଗ୍ ଦେଇଛନ୍ ।

ଯୋଶୀ-ପିଏମ୍ କୁସୁମ୍          ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ନୂତନ ଆଉ ନବୀକରଣ୍‌ଯୋଗ୍ୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ୍ ଯୋଷୀ ମନ୍ତ୍ରଣାଳୟର୍ ଅଧିକାରୀମାନ୍‌କର୍ ସହେତେ ଗୁଟେ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ପିଏମ୍-କୁସୁମ୍‌ର ଆଏବା ଖେପ୍ ଲାଗି ଧାରିଜ୍ ଲକ୍ଷ୍ୟ ଉପ୍‌ରେ ଆଲୋଚନା କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି ଶ୍ରୀ ଯୋଶୀ କହିଛନ୍, ବୈଠକ୍‌ଥି ପିଏମ୍- କୁସୁମ୍ ଯୋଜ୍‌ନାର୍ ଆଏବା ଖେପେ କୃଷି କ୍ଷେତ୍ରକେ ଆହୁରି ପ୍ରୋତ୍ସାହିତ କର୍‌ବାର୍ ବିଷେଥି ଆଲୋଚନା ହେଇଛେ । ଶ୍ରୀ ଯୋଷୀ କହିଛନ୍, ଦେଶେ ଏବ୍‌ତକ୍ ପିଏମ୍- କୁସୁମ୍ ଯୋଜ୍‌ନାଥି ୨୭ ଲାଖ୍ ନୁ ଅଏତ୍‌କା ପମ୍ପ୍‌କେ

ସୌରଚାଳିତ୍ କରାଯିବାର୍ ସହେତେ ୧୫ ଦଶ୍ମିକ୍ ୮ ଗିଗାୱାଟ୍ ନବୀକରଣୀୟ ଶକ୍ତି ହାସଲ୍ କରାଯାଇଛେ । ଇଥିର୍‌ଲାଗି ଫି' ବଛର୍ ୮ ଶହ ୬ ନିୟୁତ ଲିଟର୍ ଡିଜେଲ୍ ସଂଚୟ କରାଯାଇପାରୁଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଷୀ କହିଛନ୍ ।

ସୁଭଦ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୮ ତାରିଖ୍ ରାଖୀପୁନି ଅବ୍‌ସରେ ନୟାଗଡ଼୍ ଜିଲ୍ଲା ନ ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି ଦିଆଯିବାର୍‌କେ ନେଇକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ମୂଲକ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୫ ନମ୍ବର୍ କିସ୍ତିର୍ ଡିବିଟି ପ୍ରଦାନ୍, ହିତାଧିକାରୀମାନ୍‌କର୍ ତାଲିକା, ବେଙ୍କିଙ୍ଗ୍ ବ୍ୟବସ୍ଥା ଆଉ ଅଲ୍‌ଗା ପ୍ରସ୍ତୁତି ବାବ୍‌ଦେ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ । ବୈଠକ୍‌ଥି ମହିଲା ଆଉ ଶିଶୁବିକାଶ୍ ବିଭାଗ୍, ଓକାକ୍ ଟିମ୍ ଆଉ ବେଙ୍କ୍ ପ୍ରତିନିଧି ମାନେ ଯୋଗ୍ ଦେଇଥିଲେ ।

ବରିଷ୍ଠ ଆଇପିଏସ୍ ସ୍ତର୍ ଅଦଲ୍‌ବଦଲ୍     ଏକ୍ସ

ପ୍ରଶାସନିକ୍ ଆବଶ୍ୟକତାକେ ନଜର୍‌ଥି ରଖିକରି ରାଜ୍ୟ ସର୍କାର୍ ବରିଷ୍ଠ ଆଇପିଏସ୍ ସ୍ତର୍ ନ ଅଦଲ୍‌ବଦଲ୍ କରିଛନ୍ । ଗୃହ ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ସତ୍ୟବ୍ରତ ଭୋଇଙ୍କୁ ଗୁଇନ୍ଦା ବିଭାଗ୍‌ର ଆଇଜି ଭାବେ ଦାୟିତ୍ୱ ଦିଆଯାଇଛେ । ସେନ୍ତା ହିମାଂଶୁ ଲାଲ୍‌ଙ୍କୁ ଅର୍ଥନୈତିକ୍ ଅପରାଧ୍ ଶାଖା- ଇ.ଓ.ଡବ୍ଲୁ ଆଉ ସ୍ୱତନ୍ତ୍ର ଟାସ୍କଫୋର୍ସ- ଏସ୍.ଟି.ଏଫ୍.ର ଆଇଜି ଦାୟିତ୍ୱ ଦିଆଯାଇଛେ । ଇତାର୍‌ସହେତେ ଚରଣ୍‌ସିଂ ମୀନାଙ୍କୁ ଉତରାଂଚଳ ଡିଆଇଜି ସମ୍ବଲପୁରର ଦାୟିତ୍ୱ ଦିଆଯାଇଛେ ।

ରକ୍ଷାବନ୍ଧନ          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ନ ଆଏବା ୨୮ ତାରିଖଥି ରକ୍ଷାବନ୍ଧନ ସାଙ୍ଗେ ଶ୍ରୀବଳଭଦ୍ରଙ୍କର୍ ଜନମ୍, ଶ୍ରୀସୁଦର୍ଶନଙ୍କର୍ ଚାରିଆଶ୍ରମ ବିଜେ ନୀତି ହେବ । ଶ୍ରୀମନ୍ଦିର ପରମ୍ପରା ଅନ୍‌ସାରେ ଗୁଟେ ଦିନେ

ସୂର୍ଯ୍ୟୋଦୟ ସମୟଥି ଯେନ୍ ତିଥି ରହିଥିସି, ସେହି ତିଥି ନ ତିହାର୍ ପାଳନ୍ କରାଯାଏସି ।

ପ୍ରଣବ ପଟ୍ଟନାୟକ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶିଷ୍ଟ ସଂଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କ ଆଏଜ୍ ୮୮ ବଛର୍ ବଏସେ ପରଲୋକ୍ ହେଇଯାଇଛେ । ସ୍ୱର୍ଗତ ପଟ୍ଟନାୟକଙ୍କର୍ ଶେଷ୍ ଦର୍ଶନ୍ ଲାଗି ବହୁତ୍ ବିଶିଷ୍ଟ ବ୍ୟକ୍ତି ଆଉ ସଂଗୀତ୍‌ପ୍ରେମୀ ଭୁବ୍‌ନେଶ୍ୱର୍ ନ ଥିବା ତାଙ୍କର୍ ଘରେ ପୁହୁଁଚିଛନ୍ । ଓଡ଼ିଆ ସିନ୍‌ମାଜଗତ୍‌କେ ସେ ବହୁତ୍ କାଳଜୟୀ ଗୀତ୍ ଭେଟି ଦେଇଛନ୍ । ଇଥିର୍‌ଲାଗି ତାଙ୍କୁ ସଂଗୀତ୍ ନାଟକ୍ ଏକାଡେମୀ, ରାଜ୍ୟ ଚଳଚ୍ଚିତ୍ର ଆଉ ଜୟଦେବ୍ ପୁରସ୍କାର୍ ପ୍ରଦାନ୍ କରାଯାଇଛେ । ଶୁନୁନ୍ ଇ ବାବ୍‌ଦେ ଗୁଟେ ଖାସ୍ ଉପସ୍ଥାପନା...

(ଭଏସ୍ ଓଭର୍)

ନିରବୀ ପଡ଼ିଯାଇଛେ ସୁର୍, ହେଲେ ଇହାଦେ ଭିଲ୍ ସମ୍‌କର୍ ସ୍ମୃତିଥି ଝଙ୍କୃତ୍ ହେଉଛେ ତାଙ୍କର୍ ସୁରିଲା ଆବାଜ୍ । ତାଙ୍କର୍ ସ୍ୱରଥି ଥିଲା ଅଲ୍‌ଗା ଗୁଟେ ଆତ୍ମୀୟତା, ଯେନ୍‌ଟା ଶ୍ରୋତାମାନ୍‌କୁ ନିଜର୍

ମନର ଅକୁହା କଥା ସାଙ୍ଗେ ଜୁଡ଼ି ଦଉଥିଲା । ତାଙ୍କର୍ ଗୀତଥି ଜୀବନ୍ତ ହେଇ ଉଠୁଥିଲା ପ୍ରେମ, ବିରହ, ଆବେଗ, ଖୁସି ଆଉ ଜୀବନର୍‌ର କେତ୍‌ନିକେତେ ରଙ୍ଗ୍ । ଲମ୍ବା ସଂଗୀତ୍ ଜୀବନ୍‌ଥି ସେ ବହୁତ୍‌ଟେ ସୁମଧୁର ଗୀତ - ସଂଗୀତ୍‌ପ୍ରେମୀ ମାନ୍‌କୁ ଭେଟି ଦେଇଛନ୍ । ତାଙ୍କର୍ ଫି' ପରିବେଷଣ୍‌ଥି ଥିଲା ଶାସ୍ତ୍ରୀୟ ସଂଗୀତ୍‌ର ଝଲକ୍ ଆଉ ଭାବକେ ସ୍ୱରଥି ଫୁଟାବାର୍ ଅସାଧାରଣ୍ ଦକ୍ଷତା । ସେଥିର୍‌ଲାଗିତ ତାଙ୍କର୍ ଅବର୍ତମାନ୍‌ଥି ଆଏଜ୍‌ଭିଲ୍ ଶ୍ରୋତାମାନ୍‌କର୍ ମନ୍ ଭିତ୍‌ରେ ସେ ବଂଚିକରି ରହିଛନ୍ ।

୧୯୩୮ ମସିହା ଜାନୁଆରୀ ମାସ ୨୦ ତାରିଖ୍ ଜନମ୍ ହେଇଥିବା ପ୍ରଣବ୍ ପଟ୍ଟନାୟକ୍ ଛୁଆବେଲୁ ସଂଗୀତ୍ ଲାଗି ରୁଚି ରଖୁଥିଲେ । ଆକାଶ୍‌ବାଣୀ କଟକ୍ କେନ୍ଦ୍ରର୍ ଝନେ କଲାକାର୍ ଭାବେ ସେ ଖାସ୍ ପରିଚୟ ବନେଇପାରିଥିଲେ ।

ପୁର୍‌ନା ଓଡ଼ିଆ ସଂଗୀତ୍‌ର ସୁବର୍ଣ୍ଣ ଅଧ୍ୟାୟ ସାଙ୍ଗେ ତାଙ୍କର୍ ନାଁ ଜୁଡ଼ି ହେଇକରି ରହିଛେ । ୧୯୫୮ଥି ମା ଚଲଚ୍ଚିତ୍ରନୁ ଝନେ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଭାବେ ସେ ଯାତ୍ରା ମୁଲ୍ କରିଥିଲେ ।

ସମିଆ ବଦ୍‌ଲିଛେ, ସଂଗୀତ୍‌ର ଧାରା ଭିଲ୍ ବଦ୍‌ଲିଛେ, ପିଢ଼ି ଉତ୍‌ରୁ ପିଢ଼ି ଆସୁଛନ୍- ହେଲେ ପ୍ରଣବଙ୍କର୍ କଣ୍ଠର୍ ମାଧୁର୍ଯ୍ୟ କେଭେଭିଲ୍ ପୁରା ନାଇଁ ହେଇ ।

( ଗୀତ)

ଲମ୍ବା ସଂଗୀତ୍ ଯାତ୍ରାଥି ପ୍ରଣବ୍ ଓଡ଼ିଆ ସିନ୍‌ମା, ଭଜନ୍, ଓଡ଼ିଶୀ, ଗଜଲ ଆଉ ସେମିକ୍ଲାସିକାଲ୍ ସଂଗୀତ୍‌ଥି ନିଜର୍ ଖାସ୍ ଛାପ୍ ଛାଡ଼ି ଯାଇଛନ୍ । ସେ ଗାଇଥିବା ଗୀତ୍ ମାନ୍‌କର୍ ଭିତ୍‌ରେ ଇନ୍ଦ୍ରଧନୁର୍ ସପ୍ତରଙ୍ଗ, ଯା'ରେ ମାଝୀ ଯା-ତୁ ନୌକା ବାହି ଯା, ସୀମାହୀନ ଦରିଆ-ସାଥୀହୀନ ଦୁନିଆଁ, ଆ'ରେ ମୀତ ଆ, ସ୍ମୃତି ତୋର ଫେରେ ସଂଗୀତପ୍ରେମୀଙ୍କ ମନକେ ଘିନିଥିଲା ।

(ଗୀତ)

ପ୍ରଣବ ପଟ୍ଟନାୟକଙ୍କର୍ ଲମ୍ବା ସଂଗୀତ୍ ଯାତ୍ରା ଖାଲି ଝନେ ବର୍ଷିଆନ୍ ଗାୟକଙ୍କର୍ ସଫଲତାର୍ କାହାଣୀ ନୁହେଁ, ଇଟା ଓଡ଼ିଆ ସଂଗୀତ୍‌ର ବିକାଶ୍ ଆଉ ପରିବର୍ତନ୍‌ର ଗୁଟେ ଜୀବନ୍ତ ଫର୍ଦ୍ଦ । ତାଙ୍କର୍ ସ୍ୱର ଓଡ଼ିଆ ସଂଗୀତ ପ୍ରେମୀଙ୍କର୍ ମନ୍‌ଥି ସବୁଦିନ ଲାଗି ଅମର୍ ହେଇକରି ରହେବା । ସ୍ୱରର ଇ ଅମର୍ ସାଧକଙ୍କୁ ଆକାଶ୍‌ବାଣୀ ତର୍‌ଫୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତରଫୁ ସୁପ୍ରୀତି ମିଶ୍ର ।

କର୍ମଶାଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ ନ ପ୍ରାକ୍ ମେଟ୍ରିକ୍ ଛାତ୍ରବୃତି ଆଉ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଉପରେ ଗୁଟେ କର୍ମଶାଳା ହେଇଯାଇଛେ । ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କର୍ମଶାଳାଥି ଯୋଜ୍‌ନା ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଥିଲା । ଜିଲ୍ଲା ମଙ୍ଗଳ ଅଧିକାରୀ ରଶ୍ମିରେଖା ନାୟକଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା କର୍ମଶାଳା ବୌଦ୍ଧ ଜିଲ୍ଲାର୍ ୮୧ ଟା ଉଚ୍ଚବିଦ୍ୟାଳୟର୍ ପ୍ରଧାନ୍ ଶିକ୍ଷକ୍, ଶିକ୍ଷୟିତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀମାନେ ଭାଗ୍ ନେଇଥିଲେ ।

ଶକ୍ତିଶ୍ରୀ-ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସମ୍ବଲପୁର ସମ୍ବାଦଦାତା

ମହିଲାମାନ୍‌କର୍ ସୁରକ୍ଷା ଆଉ ସଶକ୍ତିକରଣ୍ ଦିଗେ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ଶକ୍ତିଶ୍ରୀ ସଶକ୍ତିକରଣ୍ କେନ୍ଦ୍ର ତରଫୁ ୬ ଦିନିଆ ମୌଳିକ୍ ଆତ୍ମରକ୍ଷା ପ୍ରଶିକ୍ଷଣ୍ ଶିବିର୍ ମୁଲ୍ ହେଇଛେ । ବିବେକାନନ୍ଦ କେନ୍ଦ୍ର ଓଡ଼ିଶା ପ୍ରାନ୍ତର୍ ସହଯୋଗ୍‌ଥି ହେଇଥିବା ଇ ଶିବିର୍ ଅଗଷ୍ଟ ୨୫ ତାରିଖ୍‌ତକ୍ ବିଶ୍ୱବିଦ୍ୟାଳୟ ପରିସର୍ ନ ଚାଲ୍‌ବା । ଇଥି ଛାତ୍ରଛାତ୍ରୀମାନେ ଆତ୍ମରକ୍ଷାର୍ କୌଶଲ୍ ବିପଦ୍ ଚିହ୍ନଟ୍ ଆଉ ଦର୍‌କାର୍ ଜାଗା ନ ନିଜ୍‌କେ ସୁରକ୍ଷିତ୍ ରଖିବାର୍ ବ୍ୟବହାରିକ୍ ତାଲିମ୍ ଦିଆଯାଉଛେ ।

## ସମନ୍ୱୟ ବୈଠକ୍ କଳାହାଣ୍ଡି ସମ୍ବାଦଦାତା

ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜ୍‌ନା ଅଧୀନ୍‌ଥି କଳାହାଣ୍ଡି ଜିଲ୍ଲାର୍ ସବୁ ସର୍‌କାରୀ ଆଉ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କର୍ ମାହାଲିଆ ଆଖି ପରୀକ୍ଷା ଆଉ ଚଷ୍‌ମା ବଂଟନ୍ ଲାଗି ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ନ ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସ୍ୱାସ୍ଥ୍ୟ, ଶିକ୍ଷା ଆଉ

ଅଲ୍ଗା ବିଭାଗ୍ର ଅଧିକାରୀମାନେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍କେ ଠିକ୍ ଭାବେ କର୍ବାର୍ ଲାଗି ଆଲୋଚନା କରିଥିଲେ ।

ବିଶ୍ୱ ଆଥଲେଟିକ୍ସ          ଆଇ ଆଣ୍ଡ୍ ପି.ଆର୍

ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏବା କାଏଲ୍ ବିଶ୍ୱ ଆଥଲେଟିକ୍ସ କଂଟିନେଂଟାଲ୍ ଟୁର୍ ସିଲ୍ଭର୍ ମିଟ୍ ହେବା । ରାଜ୍ୟ ସର୍କାର୍ଙ୍କର୍ କ୍ରୀଡ଼ା ଆଉ ଯୁବସେବା ବିଭାଗ୍, ଏଥ୍ଲେଟିକ୍ ଫେଡ଼େରେସନ୍ ଅଫ୍ ଇଣ୍ଡିଆ ଆଉ ବିଶ୍ୱ ଆଥ୍ଲେଟିକ୍ସର ମିଳିତ ସହଯୋଗ୍ଥି ଇ ଦିନ୍କିଆ ପ୍ରତିଯୋଗିତା କରାଯାଉଛେ । ଗଲାବଛର୍ର ସଫଲ୍ ବ୍ରୋଂଚ୍ ସ୍ତରୀୟ ପ୍ରତିଯୋଗିତାନୁ ଇତାକେ ସିଲ୍ଭର୍ସ୍ତର୍କେ ଉନ୍ନୀତ୍ କରାଯାଇଛେ । ଇତାର୍ଛଡ଼ା ୨୦୨୮ ମସିହାଥି କଳିଙ୍ଗ ଷ୍ଟାଡ଼ିୟମ୍ ନ ହେବାର୍କେ ଥିବା ବିଶ୍ୱ ଆଥ୍ଲେଟିକ୍ସ ଇନଡୋର୍ ଚାମ୍ପିଅନ୍ସିପ୍ ଆଉ ଏସୀୟ ଇନ୍ଡୋର୍ ଆଥ୍ଲେଟିକ୍ସ ଚାମ୍ପିଆନ୍ସିପ୍ ଲାଗି ଇଟା ଗୁଟେ ବଡ଼ ପଦକ୍ଷେପ୍ ଆଏ ।

ପ୍ରତିଯୋଗିତାଥି ୨୭ ଟା ଦେଶ୍ନୁ ଶହେ ୮୭ ଝନ୍ ପ୍ରତିଷ୍ଠିତ୍ ଆଥ୍ଲେଟ୍ ଭାଗ୍ ନଉଛନ୍ । ଇ ପ୍ରତିଯୋଗିତାଥି ପୁରୁଷ ଆଉ ମହିଲାକର୍ ଲାଗି ସମାନ ଭାବେ ୧୮ଟା ଇଭେଂଟ ରହିଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ଆଏବାକାଏଲ୍ତକ୍ ଆଉ ଗୁଟେ ଲଘୁଚାପ୍ ସୃଷ୍ଟି ହେବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ନୁ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି, ଘଡ଼୍ଘଡ଼ି ମାରିକରି ବର୍ଷା ହେବାର୍ ସମ୍ଭାବନା ଥିବାର୍ନୁ ୧୪ ଟା ଜିଲ୍ଲାକେ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।